No. of Questions : 50

No. of Printed Pages : 8

Secretary

Booklet Sl. No.

**2024**

**Annual**

**FLO**

**CLASS-X-HSC**

Roll No. : ............................................

**SET : A**

*Time : 1 Hour*

*Full Marks : 50*

ସମୟ : 1 ଘଣ୍ଟା

ପୂର୍ଣ୍ଣ ସଂଖ୍ୟା : 50

**ନିରୀକ୍ଷକଙ୍କ ନିମନ୍ତେ ସୂଚନା**

ଉକ୍ତ ବିଷୟର ପରୀକ୍ଷା ସରିବାପରେ ଏହି ପ୍ରଶ୍ନ ପୁସ୍ତିକା (PART-I-OBJECTIVE) ଟିକୁ ପରୀକ୍ଷାର୍ଥୀମାନେ ସାଥିରେ ନେବେ । ପରୀକ୍ଷା ଗୃହ ଛାଡ଼ିବା ପୂର୍ବରୁ ନିରୀକ୍ଷକମାନେ ତାହାକୁ ଠିକ୍ ଭାବେ ତଦାରଖ କରିବା ଏକାନ୍ତ ଜରୁରୀ ।

# PART – I – OBJECTIVE

# OBJECTIVE QUESTION BOOKLET

# AR – 01 – FLO

**ପରୀକ୍ଷାର୍ଥୀଙ୍କ ନିମନ୍ତେ ସୂଚନା**

ଏହି ପ୍ରଶ୍ନ ପୁସ୍ତିକାରେ 50 ଟି ବିକଳ୍ପ ଉତ୍ତରମୂଳକ ପ୍ରଶ୍ନ ଦିଆଯାଇଛି । ପ୍ରତ୍ୟେକ **ପ୍ରଶ୍ନର ଉତ୍ତର OMR** ଫର୍ଦ୍ଦରେ ଥିବା ନିର୍ଦ୍ଦେଶାନୁସାରେ ଦେବା ଆବଶ୍ୟକ ।



https://www.odishaboard.com

SET : A

# PART - I
# FL – ODIA
## ପ୍ରଥମଭାଷା ଓଡ଼ିଆ

ସମୟ : 1 ଘଣ୍ଟା | ପୂର୍ଣ୍ଣ ସଂଖ୍ୟା : 50

### ନିର୍ଦ୍ଦେଶାବଳୀ

୧. ଏଥିରେ 50 ଟି ବିକଳ୍ପ ଉତ୍ତରମୂଳକ ପ୍ରଶ୍ନ ଦିଆଯାଇଛି । ସମସ୍ତ ପ୍ରଶ୍ନର ଉତ୍ତର ଦେବା ବାଧ୍ୟତାମୂଳକ ଅଟେ । ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ସମାନ ।

୨. ପ୍ରତ୍ୟେକ ପ୍ରଶ୍ନପାଇଁ ଚାରିଗୋଟି ବିକଳ୍ପ ଉତ୍ତର ଦିଆଯାଇଛି । ସେଥିମଧ୍ୟରୁ ଠିକ୍ ଉତ୍ତରଟି ବାଛି ଉତ୍ତର ଫର୍ଦ୍ଦରେ ଥିବା ଗୋଲାକାର ଅଂଶକୁ କଳା/ନୀଳ ବଲ ପଏଣ୍ଟ ପେନରେ ସମ୍ପୂର୍ଣ୍ଣ ଭାବେ କଳା/ନୀଳ କର । ଆଂଶିକ/ଏକାଧିକ କଳା/ନୀଳ କରାଯାଇଥିଲେ ତାହାର ମୂଲ୍ୟାୟନ ହୋଇପାରିବ ନାହିଁ ।

---

1. ଉତ୍କଳ ଜନନୀଙ୍କ ଶରୀରକୁ କିଏ ଧୋଇଦେଉଛି ?
   (A) ବର୍ଷାଜଳ
   (B) ନଦୀଜଳ
   (C) ସମୁଦ୍ରର ଜଳ
   (D) ଝରଣାର ଜଳ

2. ଉତ୍କଳ କେଉଁମାନଙ୍କର ବାସଭୂମି ?
   (A) ଋଷିମାନଙ୍କର
   (B) ବୀର ଯୋଦ୍ଧାମାନଙ୍କର
   (C) ବିହଙ୍ଗମାନଙ୍କର
   (D) କବିମାନଙ୍କର

3. ଶତ୍ରୁ କେଉଁଠାରେ ବଳପୂର୍ବକ ପ୍ରବେଶ କଲେ ଧ୍ୱଂସ ହୋଇଯିବ ବୋଲି ପଠିତ କବିତା 'ଭୀମଙ୍କ ସିଂହନାଦ ଉକ୍ତି'ରେ କୁହାଯାଇଛି ?
   (A) ବ୍ୟାସ ସରୋବରରେ
   (B) ଦୁର୍ଗମଧ୍ୟରେ
   (C) ଋଷ୍ୟମୂକ ପର୍ବତରେ
   (D) ଗଭସ୍ତିମାନ ଦ୍ୱୀପରେ

4. ସପତ ସାଗର ମଧ୍ୟରେ କିଏ ଅନ୍ତର୍ଭୁକ୍ତ ନୁହେଁ ?
   (A) ଦଧି
   (B) ଦୁଗ୍ଧ
   (C) ଘୃତ
   (D) ଶର୍କରା

5. କପିମାନେ ସମୁଦ୍ରରେ ଗିରି ପକାଇଲା ବେଳେ ଜଳ କେଉଁ ଶବ୍ଦ କରୁଥିଲା ?
   (A) ସୁ ସୁ
   (B) ସାଇଁ ସାଇଁ
   (C) ଫି ଫି
   (D) କଳକଳ

6. ରାମ କୁଶଶଯ୍ୟାରେ ଶୟନ କରୁଥିବା କଥା ଶୁଣି ରାବଣର କ'ଣ ମନ୍ଦ ହୋଇଯାଇଥିଲା ?
   (A) କ୍ରୋଧ
   (B) ବିରସ
   (C) ସାହସ
   (D) ବୁଦ୍ଧି



https://www.odishaboard.com

SET : A

7. 'ଇନ୍ଦ୍ରିୟମାନଙ୍କୁ ଅତିକ୍ରମ କରି' - ଏହି ଅର୍ଥରେ 'ଚିଲିକାରେ ସାୟନ୍ତନ ଦୃଶ୍ୟ' କବିତାରେ କେଉଁ ଶବ୍ଦ ପ୍ରୟୋଗ କରାଯାଇଛି ?

(A) ଜିତେନ୍ଦ୍ରିୟ

(B) ଅଜିତେନ୍ଦ୍ରିୟ

(C) ଇନ୍ଦ୍ରିୟାତୀତ

(D) ଅତୀନ୍ଦ୍ରିୟ

8. ପ୍ରଶାନ୍ତ ବନଦେଶରେ କ'ଣ ଲେଶମାତ୍ର ନାହିଁ ?

(A) ଚହଳ

(B) ଉପଦ୍ରବ

(C) ଅରାଜକତା

(D) ଶାନ୍ତି

9. କବି ଗଙ୍ଗାଧର ମେହେର କାହାକୁ 'ପାଟମାଗଧ' ବୋଲି କହିଛନ୍ତି ?

(A) କୋଇଲିକୁ

(B) କୁମ୍ଭାଟୁଆକୁ

(C) କଜଳପାତି ଚଢ଼େଇକୁ

(D) ଭ୍ରମରକୁ

10. ତମସା ନଦୀ ପାଇଁ କେଉଁ ଶବ୍ଦଟି ପ୍ରଯୁଜ୍ୟ ନୁହେଁ ?

(A) ଆଶ୍ରମଧାତ୍ରୀ

(B) ନିର୍ମଳ-ଗାତ୍ରୀ

(C) ପବିତ୍ର ଧାରା

(D) ରାଜଲକ୍ଷ୍ମୀ ହୃଦହାର

11. "ମହାମାନବର ଶଙ୍ଖ ଶବଦେ ଶମୁରେ ଦୁଃଖଜ୍ୱାଳା" - ଏଠାରେ 'ଶମୁ' କେଉଁ ଅର୍ଥ ପ୍ରକାଶ କରୁଛି ?

(A) କମିଯାଉ

(B) ଶେଷହେଉ

(C) ଦୂରହେଉ

(D) ନଷ୍ଟହେଉ

12. ମାନବର କେଉଁଠି ଅପମାନ ସଂଚିତ ହୋଇ ରହିଛି ବୋଲି କବି କହିଛନ୍ତି ?

(A) ହୃଦୟରେ

(B) କାନ୍ଧରେ

(C) ମୁଣ୍ଡରେ

(D) ବକ୍ଷରେ

13. 'ସର୍ବଂସହା ମାଟି' କବିତାରେ କବି ମାନବର କେଉଁ ଭାବାବେଗକୁ ଜାଗ୍ରତ କରାଇବା ପାଇଁ ଆହ୍ୱାନ ଜଣାଇଛନ୍ତି ?

(A) ବିଶ୍ୱବନ୍ଧୁତ୍ୱ

(B) ସମଦର୍ଶିତା

(C) ଅସ୍ମିତା

(D) ଦିବ୍ୟ ଚେତନା

14. ମାଟିକୁ ମନୁଷ୍ୟ ଆଘାତ କଲେ ମଧ ସେ ତାକୁ କ୍ଷମା କରିଦିଏ କାହିଁକି ?

(A) ସେ ଆଘାତ କଷ୍ଟ ଦିଏ ନାହିଁ ବୋଲି

(B) ମନୁଷ୍ୟକୁ ନିର୍ବୋଧ ବୋଲି ଭାବି

(C) ମନୁଷ୍ୟକୁ ନିଜର ସନ୍ତାନ ବୋଲି ମନେକରି

(D) କ୍ଷମା କରିବା ବ୍ୟତୀତ ତାର ଅନ୍ୟ ଉପାୟ ନାହିଁ ବୋଲି



https://www.odishaboard.com

**SET : A**

15. ନିମ୍ନୋକ୍ତ ମଧ୍ୟରୁ ଲକ୍ଷ୍ମୀକାନ୍ତଙ୍କ କେଉଁ ପୁସ୍ତକ କିଶୋରମାନଙ୍କ ପାଠପଢ଼ା ପାଇଁ ଉଦ୍ଦିଷ୍ଟ ?
   (A) କବି ଓ କବିତ୍ୱ
   (B) ସାହିତ୍ୟ ସୁଧାକର
   (C) କଟକ ସଫର
   (D) କଣାମାମୁ

16. ଲକ୍ଷ୍ମୀକାନ୍ତ କେଉଁ ସମ୍ପ୍ରଦାୟର ଥିଲେ ?
   (A) ବୈଷ୍ଣବ
   (B) ଶୈବ
   (C) ଶାକ୍ତ
   (D) ଗାଣପତ୍ୟ

17. ଲେଖକ କୃଷ୍ଣଚନ୍ଦ୍ର ପାଣିଗ୍ରାହୀଙ୍କ ଜନ୍ମଭୂମିକୁ କିଏ ବେଢ଼ି ରହିଛି ?
   (A) ପର୍ବତ
   (B) ଜଙ୍ଗଲ
   (C) ନଦୀ
   (D) ଚାଷଜମି

18. କୃଷିକ୍ଷେତ୍ରରେ ଧାନ କେଉଁ ଋତୁରେ ସୁନା ରଙ୍ଗ ଧାରଣ କରେ ?
   (A) ବର୍ଷା
   (B) ଗ୍ରୀଷ୍ମ
   (C) ଶୀତ
   (D) ହେମନ୍ତ

19. ଭାରତୀୟ ଗୃହସ୍ଥ କାହା ସହିତ ସଂଶ୍ଳିଷ୍ଟ ନଥିଲା ?
   (A) ତ୍ୟାଗ
   (B) ପାରିପାର୍ଶ୍ୱିକ ପଦାର୍ଥ
   (C) ଆତ୍ମସଂଯମ
   (D) ସଭ୍ୟତା

20. ଧର୍ମଭାବ ଓ ଈଶ୍ୱରବିଶ୍ୱାସ ବିଜ୍ଞାନ କମାଇ ଦେଉଛି ବୋଲି ଅନେକେ କ'ଣ କରିଥାନ୍ତି ?
   (A) ଅଭିଯୋଗ
   (B) ବିଶ୍ୱାସ
   (C) ଧାରଣା
   (D) ଅନୁଭବ

21. କେଉଁ ଭାଷାକୁ ଉପରକୁ ଉଠାଇବା ପାଇଁ ଅନ୍ୟଭାଷା ବିରୋଧରେ ପ୍ରଚାର କରାଯାଇଥିଲା ?
   (A) ମାତୃଭାଷା
   (B) ଆଞ୍ଚଳିକ ଭାଷା
   (C) ହିନ୍ଦୁ ଭାଷା
   (D) ଇଂରାଜୀ ଭାଷା

22. ଶ୍ରୀଯୁକ୍ତ ଅନ୍ନଦାଶଙ୍କର ରାୟ ବଙ୍ଗଳା ଭାଷାକୁ ଆପଣାଇଥିଲେ କାହିଁକି ?
   (A) ଓଡ଼ିଆ ଭାଷାକୁ ଅନାଦର କରୁଥିବାରୁ
   (B) ଓଡ଼ିଆ ଭାଷାରେ ଲେଖିପାରୁ ନଥିବାରୁ
   (C) ମାତୃଭାଷାରେ ସ୍ୱାଭାବିକ ସ୍ଫୂର୍ତ୍ତି ହେଉଥିବାରୁ
   (D) ବଙ୍ଗଳା ଭାଷାକୁ ଉଚ୍ଚ ସ୍ଥାନକୁ ନେବା ପାଇଁ

23. କାହାପରି ସମାଧିରେ ଲୀନ ହେବାପାଇଁ ନରେନ୍ଦ୍ର ନାଥ ଇଚ୍ଛା କରିଥିଲେ ?
   (A) ବ୍ୟାସଦେବ
   (B) ଶୁକଦେବ
   (C) ଶିବ
   (D) ବୁଦ୍ଧଦେବ



https://www.odishaboard.com

SET : A

24. ସ୍ୱାମୀଜୀଙ୍କୁ ଶାସ୍ତ୍ର ଆଲୋଚନାରେ ପରାସ୍ତ କରିବାର ଉଦ୍ଦେଶ୍ୟରେ ଆସିଥିବା ପଣ୍ଡିତମାନଙ୍କୁ ଦେଖି ଶ୍ରଦ୍ଧାନନ୍ଦଙ୍କର କ'ଣ ମନେପଡ଼ିଲା ?

(A) ଠାକୁର କହିଥିବା ଗୋଟିଏ କଥା

(B) ବହିରେ ପଢ଼ିଥିବା ଗୋଟିଏ କଥା

(C) ଅଙ୍ଗେ ନିଭେଇଥିବା ଗୋଟିଏ କଥା

(D) ଭୁଲିଯାଇଥିବା ଗୋଟିଏ କଥା

25. 'ଦରବାର' ରାଧାନାଥଙ୍କର କେଉଁ ଧରଣର କାବ୍ୟ ?

(A) ଖଣ୍ଡକାବ୍ୟ

(B) ମହାକାବ୍ୟ

(C) ହାସ୍ୟକାବ୍ୟ

(D) ବ୍ୟଙ୍ଗକାବ୍ୟ

26. ଭକ୍ତକବି ମଧୁସୂଦନ ରାଓ କେଉଁ ଧର୍ମ ଗ୍ରହଣ କରିଥିଲେ ?

(A) ଜୈନଧର୍ମ

(B) ବୌଦ୍ଧଧର୍ମ

(C) ବ୍ରାହ୍ମଧର୍ମ

(D) ସନାତନ ଧର୍ମ

27. ଲେଖକ କାଠୁରିଆକୁ "ଚେନାଚେପାରା ସବୁ ଭଲକରି ଗୋଟାଇ ଦେ" ବୋଲି କାହିଁକି କହିଲେ ?

(A) ନିଜେ ଗୋଟାଇ ପାରିବେ ନାହିଁ ବୋଲି

(B) କାଠ ନଷ୍ଟ ହୋଇଯିବ ବୋଲି

(C) କୁକୁର ପାଦରେ ପଶିଯିବ ବୋଲି

(D) ସ୍ଥାନଟି ଅସନା ଦିଶୁଛି ବୋଲି

28. କ'ଣ ବୁଝିପାରିଲେ କାଠୁରିଆ ଉତ୍ୟକ୍ତ ହୋଇଯିବ ବୋଲି ଲେଖକ ଭାବିଛନ୍ତି ?

(A) ଲେଖକଙ୍କ ଆଚରଣରେ ଆତ୍ମୀୟତା ନାହିଁ

(B) ତା'ଠାରୁ ଅଧିକ କାମ ଆଦାୟ କରାଯାଉଛି

(C) ତାକୁ କମ୍ ମଜୁରୀ ମିଳିଛି

(D) ଲେଖକ ତାକୁ ନୀଚ ଦୃଷ୍ଟିରେ ଦେଖୁଛନ୍ତି

29. ମଗଧ ସେନାବାହିନୀକୁ ପରାସ୍ତ କରିବାକୁ ହେଲେ କେଉଁ ନୀତି ଆପଣାଇବାକୁ ହେବ ବୋଲି ରାଜେଶ୍ୱରୀ କହିଥିଲେ ?

(A) ସମ୍ମୁଖ ସମର

(B) ପ୍ରଚଣ୍ଡ ଆକ୍ରମଣ

(C) ସୈନ୍ୟସଂଖ୍ୟା ବୃଦ୍ଧି

(D) ଦୀର୍ଘଦିନ ଯୁଦ୍ଧ ଚଳାଇବା

30. କଳିଙ୍ଗର ମହାରାଜା ବା ତାଙ୍କ କନ୍ୟା କ'ଣ କରିପାରି ନଥିଲେ ବୋଲି ଗଳ୍ପରେ କୁହାଯାଇଛି ?

(A) ଆକ୍ରମଣ

(B) ଷଡ଼ଯନ୍ତ୍ର

(C) ଅତ୍ୟାଚାର

(D) ଅନୁପ୍ରବେଶ

31. ପଛକୁ ଫେରି ନ ଚାହିଁ ଖାଲି ଆଗକୁ ଦେଖିବା କାହାର ନିୟମ ବୋଲି ଗଳ୍ପରେ ଉଲ୍ଲେଖ ଅଛି ?

(A) ଗମନାଗମନର

(B) ଦୁର୍ଘଟଣା ରୋକିବାର

(C) ମନୁଷ୍ୟମାନଙ୍କର

(D) ପ୍ରକୃତିର

32. ସଂସାରକୁ ତତଲା ଲୁହା କରେଇ ବୋଲି କହିବାର କାରଣ କ'ଣ ?

(A) ଖରାଦିନେ ସବୁଆଡ଼େ ପ୍ରଚଣ୍ଡ ତାତି ହୁଏ

(B) ସଂସାର ଜଞ୍ଜାଳରେ ଘାଣ୍ଟିହୋଇ ମଣିଷ କଷ୍ଟପାଏ

(C) ବିଶ୍ୱ ତାପନ କ୍ରମଶଃ ବୃଦ୍ଧି ପାଉଛି

(D) ବୃକ୍ଷ ଛେଦନ ହେତୁ ପ୍ରାଣୀମାନେ ଶୀତଳ ଛାଇ ପାଇ ପାରୁନାହାନ୍ତି

P.T.O.



https://www.odishaboard.com

SET : A

33. ସୁବ୍ରତ ପ୍ରୀତିଙ୍କୁ ଝରକା ବନ୍ଦ କରିବାରୁ ବାରଣ କଲେ କାହିଁକି ?
(A) ପବନ ଆସିବା ବନ୍ଦ ହୋଇଯିବ
(B) ବଂଶୀର ମୂର୍ଚ୍ଛନା ତାଙ୍କୁ ଚମତ୍କାର ଲାଗୁଥିଲା
(C) ଘର ଭିତରେ ଆଲୁଅ କମିଯିବ
(D) ଝରକା ବାଟେ ସେ ବାହାରର ଦୃଶ୍ୟ ଉପଭୋଗ କରୁଥିଲେ

34. ମହାପାତ୍ର ବାବୁ କେତେ ଘଣ୍ଟା କାର୍ ଡ୍ରାଇଭ୍ କରି ଆସିଥିଲେ ?
(A) ଆଠ
(B) ଦଶ
(C) ପାଞ୍ଚ
(D) ସାତ

35. କିଏ ନରସିଂହ ଦେବଙ୍କୁ 'ମହାନୁଭବ' ବୋଲି କହିଛନ୍ତି ?
(A) ଆଗନ୍ତୁକ
(B) ଧରମା ମା'
(C) ବିଶୁ
(D) ଶିବେଇ

36. ବାକ୍ୟରେ କର୍ତ୍ତା ଓ କ୍ରିୟା ଥାଇ ମଧ୍ୟ ମନୋଭାବ ସମ୍ପୂର୍ଣ୍ଣ ରୂପେ ପ୍ରକାଶ ନ ପାଇଲେ ତାହା କେଉଁ ବାକ୍ୟ ହେବ ?
(A) ସରଳ https://www.odishaboard.com
(B) ମିଶ୍ର
(C) ଖଣ୍ଡ
(D) ଯୌଗିକ

37. ସଂପ୍ରଦାନ କାରକର ପଦ ବାକ୍ୟରେ କେଉଁଠି ବ୍ୟବହୃତ ହୁଏ ?
(A) କର୍ମ ପରେ
(B) କର୍ମ ପରେ ବା ପୂର୍ବରୁ
(C) କର୍ତ୍ତା ପରେ
(D) କ୍ରିୟା ପୂର୍ବରୁ

38. ଗୁରୁତ୍ୱ ଆରୋପ ପାଇଁ କିଏ ବାକ୍ୟର ଶେଷରେ ବସିପାରେ ?
(A) ବାକ୍ୟାଂଶ
(B) ପଦାନ୍ୱୟୀ ଅବ୍ୟୟ
(C) ଯେକୌଣସି ପଦ
(D) ସମ୍ବନ୍ଧ ପଦ

39. 'ବାପା ଏତେ ଟଙ୍କା ଦେଲେ' - ଏହି ବାକ୍ୟର ଶେଷରେ କେଉଁ ଚିହ୍ନ ଲଗାଯିବ ?
(A) ?
(B) ।
(C) ,
(D) !

40. କେଉଁଠି 'ର' 'ର୍' 'ଷ୍' ପରେ 'ନ୍' ର 'ଣ୍' ହୁଏ ?
(A) ଏକ ପଦମଧ୍ୟରେ
(B) ଏକ ବାକ୍ୟମଧ୍ୟରେ
(C) ଖଣ୍ଡବାକ୍ୟ ମଧ୍ୟରେ
(D) ବାକ୍ୟାଂଶ ମଧ୍ୟରେ

41. 'ନୋଟିସ୍' - ଏହି ଶବ୍ଦରେ 'ଷ୍' କାହିଁକି ହୋଇନାହିଁ ?
(A) ପଦ ଶେଷରେ ଥିବାରୁ
(B) ବୈଦେଶିକ ଶବ୍ଦ ହୋଇଥିବାରୁ
(C) ଦେଶଜ ଶବ୍ଦ ହୋଇଥିବାରୁ
(D) 'ଇ' ପରେ ଥିବାରୁ

42. 'ପ୍ରତ୍ୟେକ ଲୋକମାନେ' - ଏହା କେଉଁ ଦୃଷ୍ଟିରୁ ଅଶୁଦ୍ଧ ?
(A) ଲିଙ୍ଗଗତ
(B) 'ଷ'ତ୍ୱ ବିଧିଗତ
(C) ବଚନଗତ
(D) ବନାନଗତ



https://www.odishaboard.com

**SET : A**

43. ନିମ୍ନୋକ୍ତ ମଧ୍ୟରୁ କେଉଁଟି ଶୁଦ୍ଧ ରୂପ ?
   (A) ବିସମ
   (B) ଅପରାହ୍ଣ
   (C) ଐକ୍ୟତା
   (D) କ୍ଷୁଣ୍ଣ

44. ଚାରିପାଦରେ ଏକପଦ ହୋଇ ପ୍ରଥମ, ଦ୍ୱିତୀୟ, ଚତୁର୍ଥ ପାଦ ଚଉଦ ଅକ୍ଷର ବିଶିଷ୍ଟ ଏବଂ ତୃତୀୟ ପାଦ ଆଠ ଅକ୍ଷର ବିଶିଷ୍ଟ ହେଲେ କେଉଁ ଛନ୍ଦ ହୋଇଥାଏ ?
   (A) ଶଙ୍କରାଭରଣ
   (B) ଚୋଖି
   (C) ଗୁଜ୍ଜରୀ
   (D) ନଟବାଣୀ

45. ପଦ ମଧ୍ୟରେ ଏକ ବା ଏକାଧିକ ବ୍ୟଞ୍ଜନ ବର୍ଣ୍ଣ ବାରମ୍ବାର ଉଚ୍ଚାରିତ ହେଲେ କେଉଁ ଅଳଙ୍କାର ହୋଇଥାଏ ?
   (A) ଯମକ
   (B) ଅନୁପ୍ରାସ
   (C) ଶ୍ଳେଷ
   (D) ଉପମା

46. ଏକାଧିକ ଅର୍ଥ ପ୍ରକାଶ କରୁଥିବା ଶବ୍ଦକୁ କେଉଁ ପଦ କୁହାଯାଏ ?
   (A) ଶ୍ଳେଷପଦ
   (B) ବିଶେଷ୍ୟ ପଦ
   (C) ଶ୍ଳିଷ୍ଟପଦ
   (D) ସଭଙ୍ଗ ପଦ

47. ପିଲାମାନଙ୍କୁ __________ ଉଚିତ ନୁହେଁ । ଶୂନ୍ୟସ୍ଥାନରେ କେଉଁ ରୂଢ଼ି ପ୍ରୟୋଗ କରାଯିବ ?
   (A) ମୁହଁ ବଢ଼ାଇବା
   (B) ମୁହଁ ଦେବା
   (C) ଦାଉ ସାଧିବା
   (D) ଆଖିରେ ଧୂଳିଦେବା

48. 'ଉପେକ୍ଷା କରିବା' ଅର୍ଥରେ କେଉଁ ରୂଢ଼ି ବ୍ୟବହୃତ ହୁଏ ?
   (A) ବାଟ ଭାଙ୍ଗିବା
   (B) ବାଟ କାଟିବା
   (C) ବାଟମାରଣା ହେବା
   (D) ନାକ ଛିଞ୍ଚାଡ଼ିବା

49. 'ଆର୍ଷ ବଚନ' ନିମନ୍ତେ କେଉଁ ଲୋକବାଣୀ ପ୍ରଯୁଜ୍ୟ ?
   (A) ଋଷି ଜଟା ଛିଣ୍ଡାଇବା
   (B) କୂପ ମଣ୍ଡୂକ
   (C) କବିତୁଣ୍ଡ, ମେଣ୍ଢାମୁଣ୍ଡ
   (D) ତିନି ତୁଣ୍ଡରେ ଛେଳି କୁକୁର

50. "ଉଚ୍ଚ ପଦବୀରେ ରହି ଅତି ଗର୍ବଭାବ ପ୍ରଦର୍ଶନ କରିବା ଉଚିତ ନୁହେଁ ।" ଏହି ବାକ୍ୟରେ କେଉଁ ଲୋକବାଣୀ ବ୍ୟବହାର କରାଯାଇପାରିବ ?
   (A) ଧରାକୁ ସରା ମଣିବା
   (B) ସଭାରେ ହାଣ୍ଡି ଭାଙ୍ଗିବା
   (C) ହଲିଲା ପାଣିରେ ଗୋଡ଼ ନଦେବା
   (D) ଓଷଦ ରାଗରେ ତାଟିଆ କାମୁଡ଼ିବା

- o O o -

P.T.O.



https://www.odishaboard.com